Barsha Jena
Junior Runner up 2
Girl's High School, Budharaja
Sambalpur



## “ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉଚିତ?”

**ଉପକ୍ରମ :-** ଡିଜିଟ୍ ର ଅର୍ଥ ସଂଖ୍ୟା ଓ ଡିଜିଟାଲ୍ ହେଉଛି ସଂଖ୍ୟା ଭିତ୍ତିକ ଏବଂ ଡିଜିଟାଲ୍ ଟେକ୍ନୋଲୋଜୀ ହେଉଛି ସଂଖ୍ୟା ଭିତ୍ତିକ ବୈଷୟିକ ଜ୍ଞାନ । ଆଗ କାଳରେ ଲୋକମାନେ ଚିଠି କିମ୍ବା ପାରା ସାହାଯ୍ୟରେ ଯୋଗାଯୋଗ କରୁଥିଲେ । ସେଥିପାଇଁ ବହୁତ ସମୟ ଲାଗିଯାଉଥିଲା । ମଣିଷ ନିଜର ବୁଦ୍ଧି ଓ କର୍ମକୁଶଳତା ବଳରେ ବିଭିନ୍ନ ଯନ୍ତ୍ରପାତି ତିଆରି କଲା ଫଳରେ ମଣିଷ ନିଜର କାମ ସଠିକ୍ ସମୟରେ ଓ ଶୀଘ୍ର, ସହଜ ଓ ସରଳ ଭାବେ କରିପାରିଲା । ବିଭିନ୍ନ ଯନ୍ତ୍ରପାତି ଯଥା – ରେଡିଓ, ଇଣ୍ଟରନେଟ୍, T.V ଟେଲିଭିଜନ, କମ୍ପ୍ୟୁଟର ଆଦି । ଏହିପରି ଆମ୍ଭମାନଙ୍କର ଜୀବନରେ ସୁଧାର ଆଣିପାରିଲା ।

**ବର୍ଣ୍ଣନା :-** ଟେଲିଭିଜନ - ରେଡିଓ ଷ୍ଟେସନ୍‌ରୁ ଆମେ ଭାଷା ଓ ଶବ୍ଦ ଶୁଣିପାରୁ କିନ୍ତୁ ଟେଲିଭିଜନ୍ ମାଧ୍ୟମରେ ଆମେ ଭାଷା ଓ ଶବ୍ଦ ଶୁଣିବା ସଙ୍ଗେ ସଙ୍ଗେ ଟେଲିଭିଜନରେ ଚିତ୍ର ଓ ରୂପ ଦେଖିପାରୁ । ଏହା ୧୯୪୪ ଖ୍ରୀଷ୍ଟାବ୍ଦରେ କେ. ଏଲ୍. ବଏଡ୍ ନାମକ ଜଣେ ବୈଜ୍ଞାନିକ ଉଦ୍ଭାବନ କରିଥିଲେ । ସେ ସ୍କଟଲ୍ୟାଣ୍ଡ ଦେଶର ଜେଣେ ଅଧିବାସୀ ଅଟନ୍ତି । ଟେଲିଭିଜନର ବିଭିନ୍ନ ଜ୍ଞାନୀ ଲୋକଙ୍କ ଭାଷଣ ଶୁଣି ଲୋକମାନେ ବା ସାଧାରଣ ଲୋକମାନେ ଶିକ୍ଷିତ ହୋଇପାରିବେ । ଟେଲିଭିଜନ୍ ଷ୍ଟେସନ୍‌ରେ ଯେଉଁସବୁ କାର୍ଯ୍ୟ କରାଯାଏ ତାହା ସବୁ ଆମେ ନିଜ ଘରେ କିମ୍ବା ପଡୋଶୀ ଘରମାନଙ୍କରେ ଥିବା ଟେଲିଭିଜନ୍‌ରୁ ଦେଖିପାରୁ । ଟେଲିଭିଜନ୍‌ରେ ଦେଶର ସମ୍ବାଦ ଶୁଣିବା ସଙ୍ଗେ ସଙ୍ଗେ ଏହା ପ୍ରକୃତ ଚିତ୍ର, ରୂପ ଦେଖିପାରୁ । ଏଥିରେ ନାଟକ, ନାଚ, ପାଲା ଆଦି ଆମ ମନରେ ଆନନ୍ଦ ଭରିଦେଇଥାଏ ଓ ପିଲାମାନଙ୍କ ଶିଶୁଗୀତ, ନାଟକ ଓ ବିଭିନ୍ନ ଶିକ୍ଷଣୀୟ ଜିନିଷ ମଧ୍ୟ ଦେଇଥାଏ । କୃଷି – ଉନ୍ନତି ଉପାୟ, ଶିଳ୍ପ – ଉନ୍ନତି ଉପାୟ, ସାଧାରଣସ୍ୱାସ୍ଥ୍ୟ ରକ୍ଷା ଆଦି ଦେଇଥାଏ ।

**ରେଡିଓ ଓ ବେତାର ଯନ୍ତ୍ର –** ଗୋଟିଏ ବାକ୍ସ ମଧ୍ୟରେ ଥିବା ଇଲେକ୍ଟ୍ରନିକ୍ ସରଞ୍ଜାମ ସହିତ ଇଲେକ୍ଟ୍ରିକ୍ ତାର ସଂଯୋଗ କରି ଏହି ଯନ୍ତ୍ର ଗଠନ କରାଯାଇଥାଏ । ଏହା ତାର ସହିତ ସଂଯୋଗ ନ ହୋଇ ମଧ୍ୟ ବହୁତ ଦୂରର ବାର୍ତ୍ତା ଅତିଶିଘ୍ର ଆମ ପାଖରେ ପହଞ୍ଚାଇଥାଏ । ଏହା ସ୍ୱର୍ଗତ ଇଟାଲୀୟ ବୈଜ୍ଞାନିକ ମାର୍କୋନୀ ପ୍ରସ୍ତୁତ କରିଥିଲେ ।

**ଉପକାରିତା-** ରେଡିଓକୁ ଆମେ ଓଡିଆ ବେତାର ଯନ୍ତ୍ର କହିଥାଉ । ଏଥିରେ ପରିବେଶ, ବାଣିଜ୍ୟ ଓ କୃଷି ଓ ଶିଳ୍ପ ଉନ୍ନତି ଓ ସାଧାରଣ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ଜାଣିହୁଏ । କୃଷିରେ କିପରି ଭାବରେ ଆମେ ମାନେ ଧ୍ୟାନ ଦେଲେ ଏହା ବହୁତ ଉନ୍ନତି କରିବ ସେବିଷୟରେ ଜାଣିହୁଏ । ଏଥିରେ ଲୋକମାନଙ୍କର ମନମୁଗ୍ଧକାରୀ ସଂଗିତ ଓ ନାଟକ ପିଲାମାନଙ୍କର ଶିକ୍ଷଣୀୟ ଜିନିଷ ଆଦି କାର୍ଯ୍ୟକ୍ରମ ଶୁଣି ହୁଏ । କେନ୍ଦ୍ରସ୍ଥଳମାନଙ୍କରେ ରେଡିଓ ବା ବେତାର ଯନ୍ତ୍ର ସ୍ଥାପନକରି ସେଠାରେ ଥିବା ଲୋକମାନଙ୍କର ରେଡିଓରେ ସଠିକ୍ ସମୟରେ କାର୍ଯକ୍ରମ ଦେଇଥାଏ । ରେଡିଓ ଠାରୁ ଆରମ୍ଭ କରି ଟ୍ରାଞ୍ଜିଷ୍ଟର ପ୍ରସ୍ତୁତ ହେଲାଣି । ସୁଖର କଥା ଏହି କି ଯେ ରେଡିରେ ଏବେ ବହୁତ ଉନ୍ନତି ହେଲାଣି ଓ ଆମେ କାମନା କରିବୁ ଯେ ଏହା ଆହୁରି ଉନ୍ନତ ହେଉ ।

**କମ୍ପ୍ୟୁଟର –** ମଣିଷ ନିଜର କାର୍ଯ୍ୟ ସହଜ, ସରଳ ଓ ଶୀଘ୍ର କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଏହି କଷ୍ଟ ଦ୍ୱାରା ମନୁଷ୍ୟ ନିଜର ବୁଦ୍ଧି, ଜ୍ଞାନ, କର୍ମକୁଶଳକୁ ବ୍ୟବହାର କରି ‘କମ୍ପ୍ୟୁଟର’ ସୃଷ୍ଟି କରିଛି । ପ୍ରଥମେ ‘ବାବେଲ୍’ କମ୍ପ୍ୟୁଟର ପ୍ରସ୍ତୁତ କରିଥିଲେ କିନ୍ତୁ ଏହାର ଇଲେକ୍ଟ୍ରନିକ୍ ରୂପ ଦେଇଛନ୍ତି ‘ଏକଟ ମାକ୍‌ଲେ’ ପ୍ରଥମେ ‘ସରଳ କମ୍ପ୍ୟୁଟର’ ପ୍ରସ୍ତୁତ କରାଗଲା ତା’ ପରେ ଦେଶର ଅଗ୍ରଗତି ଫଳରେ ‘ଆନାଲୋଗ’ ଓ ଡିଜିଟାଲ୍ କମ୍ପୁଟର ପ୍ରସ୍ତୁତ ହେଲା ।

**ଉପକାରିତା :-** ଦୋକାନରେ ସରଳ କମ୍ପ୍ୟୁଟର ଯୋଗୁଁ ହିସାବକିତାବ ସହଜରେ ହୋଇପାରୁଛି । ଆଗକାଳରେ ହିସାବ କିତାବ ଯୋଗୁଂ ବହୁତ କ୍ଷତି ହେଉଥିଲା । ଏବେ ସବୁ କାର୍ଯ୍ୟ ସହଜରେ ହୋଇପାରୁଛି । ବୈଜ୍ଞାନିକ ତଥ୍ୟାବଳୀ ହିସାବ ହୋଇପାରୁଛି ଓ ଇଞ୍ଜିନିୟର ମାନେ କମ୍ପ୍ୟୁଟର ଦ୍ୱାରା ବାଲି, ଗୋଡି ଓ ଛଡ ଅଦି କେତେକ ପରିମାଣରେ ଖର୍ଚ୍ଚ ହେବ ଓ କେତିକି ରଖାଯିବ ତାହା ସବୁ ସେହି କମ୍ପ୍ୟୁଟର ମାଧ୍ୟମରେ ହୋଇପାରୁଛି ଓ କମ୍ପୁଟର ଦ୍ୱାରା ନିର୍ଭୁଲ ଭାବରେ ଓ କମ୍ ସମୟରେ, ଅଳ୍ପ ଖର୍ଚ୍ଚ ହୋଇପାରୁଛି । ଦେଶ ଦେଶ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇପାରୁଛି । ଜଣକ ଠାରୁ ଅନ୍ୟ ଜଣକର ଯୋଗାଯୋଗ ଶୀଘ୍ର ହୋଇପାରୁଛି । ଏଥିରେ ପୁଅ ଓ ଝିଅମାନେ ବିଭିନ୍ନ ପାଠ୍ୟ ସମ୍ପର୍କୀତ ତଥ୍ୟ ଜାଣିପାରନ୍ତି । ଦୋକାନ ମାନଙ୍କରେ ହିସାବ କିତାବ ସହ କଣ ଭଲ କଣ ମନ୍ଦ କାହାକୁ କଣ ଦିଆଯିବ କାହାକୁ କଣ ଦିଆଯିବ ନାହିଁ ‘ଆନାଲୋଗ୍’ କମ୍ପ୍ୟୁଟର ହିଁ କାର୍ଯ୍ୟ କରିଥାଏ । ମହାକାଶ କର୍ମ ରୀମାନେ ମହାକାଶକୁ ଗଲାବେଳେ କମ୍ପ୍ୟୁଟର ହିସାବ କରିଥାଏ ଯଦି ଏଥିରେ କୌଣସି ନିର୍ଭୁଲ ହିସାବ ହୋଇଥାଏ ତେବେ ମହାକାଶ କର୍ମ ରୀମାନେ ମହାଶୂନ୍ୟରେ ଲୀନ ହୋଇଯାନ୍ତି । ଏହି ଜଟିଳତା କାର୍ଯ୍ୟକୁ ଡିଜିଟାଲ୍ କମ୍ପ୍ୟୁଟର ଦ୍ୱାରା ହିଁ ସହଜ ଓ ସରଳ ମାଧ୍ୟମର କରାଯାଇଥାଏ ।

**ଅପକାରିତା :-** କମ୍ପ୍ୟୁଟର ମାଧ୍ୟମରେ ଆତଙ୍କବାଦୀମାନେ ଶୀଘ୍ର ଯୋଗାଯୋଗ କରି କେଉଁ ଯାଗାରେ କଣ କରାଯିବ ଓ କେତେବେଳେ ଓ କେଉଁଠାରେ ବିସ୍ଫୋରଣ କରାଯିବ ତାହା ସେ ଯୋଗାଯୋଗ ମାଧ୍ୟମରେ ଜାଣିପାରନ୍ତି । ଏହା ଫଳରେ ଦେଶର ଉନ୍ନତି ଓ ବିକାଶରେ ବାଧାପ୍ରାପ୍ତ ହେଉଛି । କେତେକ ଲୋକମାନଙ୍କ କମ୍ପ୍ୟୁଟରର ଅପବ୍ୟବହାର କରି ଗଣମାଧ୍ୟମକୁ ଦେଖାଉଛନ୍ତି । ତେଣୁ ଏଥିପ୍ରତି ଆମେ ସଚେତନ ହେବା ଦରକାର ।

**ଅପକାରିତା :-** ପିଲାମାନେ ବେଳେ ବେଳେ ଟେଲିଭିଜନ ଦେଖିଲା ବେଳେ ଏତା ବ୍ୟସ୍ତ ରହନ୍ତି ଯେ ନିଜର ପାଠ ପଢିବାକୁ ମଧ୍ୟ ଭୁଲିଯାଅନ୍ତି । ତେଣୁ ଆମେ ତାଙ୍କୁ ସଚେତନ କରାଇବା ଉଚିତ୍ ଓ ଶିକ୍ଷଣୀୟ ଜିନିଷ ଦେଖିବା ପାଇଁ ଉତ୍ସାହ କରିବା ଲୋକମାନଙ୍କୁ ସଚେତନ କରାଇବା ଉଚିତ୍ ଯେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ରୁ କିଛି ଶିକ୍ଷଣୀୟ ଜିନିଷ ଶିଖନ୍ତୁ । ଆଜିକାଲିର ଲୋକମାନେ ଅନ୍ୟ ଲୋକ ସହିତ କମ୍ପ୍ୟୁଟର ବା ଇଣ୍ଟରନେଟ୍ ସୁସମ୍ପର୍କ ସ୍ଥାପନ କରି ବିନା ଦୋଷରେ ଅନ୍ୟ କୁ ଦୋଷୀ ସାବ୍ୟସ୍ତ କରିଥାନ୍ତି । ତେଣୁ ଆମେ ଏଥିପ୍ରତି ସଚେତନ ହେବା ଦରକାର । ଆମେ ଏହାକୁ ଅଳ୍ପ ବ୍ୟବହାର କରିବା ଓ ଅନ୍ୟ କାମଗୁଡିକୁ ନିଜେ କଲେ ଆମ୍ଭେମାନେ ଅଳସୁଆ ହେବା ନାହିଁ ଓ ଏହାକୁ କମ୍ ବ୍ୟବହାର କରିବା ଫଳରେ ଆଖିରେ ପ୍ରେସର ପଡିବ ନାହିଁ ।

**ଶେଷକଥା –** ‘ଡିଜିଟାଲ୍ ଟେକ୍ନୋଲୋଜୀ’ ବ୍ୟବହାର କଲେ ଆମ ଦେଶର ଉନ୍ନତି ହେବା ସହ ଅନ୍ୟ ଦେଶର କଳା, ନୃତ୍ୟ ବିଷୟରେ ଜାଣିହୁଏ ।


Oriya